# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 APRIL No.02


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ମାର୍କ ୧୬:୯–୧୬)

୯ ସପ୍ତାହର ପ୍ରଥମ ଦିବସ ପ୍ରତ୍ୟୁଷରେ ସେ ପୁନରୁତ୍‌ଥାନ କରି, ଯାହାଙ୍କଠାରୁ ସାତ ଭୂତ ଛଡ଼ାଇଥିଲେ, ସେହି ମଗ୍‌ଦଲୀନୀ ମରୀୟମଙ୍କୁ ପ୍ରଥମରେ ଦର୍ଶନ ଦେଲେ ।

୧୦ ସେ ଯାଇ, ଯେଉଁମାନେ ତାହାଙ୍କ ସଙ୍ଗୀ ହୋଇଥିଲେ, ସେମାନଙ୍କୁ ସମ୍ବାଦ ଦେଲେ; ସେମାନେ ଶୋକ ଓ ରୋଦନ କରୁଥିଲେ ।

୧୧ ସେ ଯେ ଜୀବିତ ଅଟନ୍ତି ଓ ତାଙ୍କୁ ଦର୍ଶନ ଦେଇଅଛନ୍ତି, ଏହା ଶୁଣି ସେମାନେ ବିଶ୍ୱାସ କଲେ ନାହିଁ ।

୧୨ ଏହି ସମସ୍ତ ଘଟଣା ଉତ୍ତାରେ ସେମାନଙ୍କ ମଧ୍ୟରୁ ଦୁଇଜଣ ଗୋଟିଏ ପଲ୍ଲୀଗ୍ରାମକୁ ଯାଉଥିବା ସମୟରେ ସେ ଅନ୍ୟ ରୂପରେ ସେମାନଙ୍କୁ ଦର୍ଶନ ଦେଲେ,

୧୩ ପୁଣି ସେମାନେ ଯାଇ ଅନ୍ୟମାନଙ୍କୁ ସମ୍ବାଦ ଦେଲେ; କିନ୍ତୁ ସେମାନଙ୍କ କଥା ସୁଦ୍ଧା ସେମାନେ ବିଶ୍ୱାସ କଲେ ନାହିଁ ।

୧୪ ଏଥିଉତ୍ତାରେ ଏକାଦଶ ଶିଷ୍ୟ ଭୋଜନରେ ବସିଥିବା ସମୟରେ ସେ ସେମାନଙ୍କୁ ଦର୍ଶନ ଦେଲେ ଏବଂ ସେମାନଙ୍କର ଅବିଶ୍ୱାସ ଓ ହୃଦୟର କଠିନତା ହେତୁ ସେମାନଙ୍କୁ ଅନୁଯୋଗ କଲେ, କାରଣ ଯେଉଁମାନେ ତାହାଙ୍କୁ ପୁନରୁତ୍‌ଥିତ ଦେଖିଥିଲେ, ସେମାନଙ୍କ କଥା ସେମାନେ ବିଶ୍ୱାସ କରି ନ ଥିଲେ ।

୧୫ ପୁଣି, ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।

୧୬ ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।

## ପୁନରୁତ୍ଥାନ ପଛରେ ଥିବା ଆଶା
### THE HOPE BEHIND RESURRECTION!


ସମ୍ମାନୀୟା, ମୁଖ୍ୟ ସଂପାଦିକା,
ରେଭ୍. ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ




ଇଷ୍ଟର ନୂତନୀକୃତ ଆଶାର ଏକ ପର୍ବ ଅଟେ – ଏହା ଏପରି ଏକ ସମୟ ଯେତେବେଳେ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ମାଧ୍ୟମରେ ଦୁଃଖ ଆନନ୍ଦରେ ପରିଣତ ହୁଏ । ମାତ୍ର ଆମର ବ୍ୟସ୍ତ ଜୀବନ ଓ ଅବିଶ୍ରାନ୍ତ ସଂଘର୍ଷ ମାଧ୍ୟମରେ, ଆଶା ବେଳେବେଳେ ଦୂରରେ ଥିବା ଭଳି ମନେ ହୋଇପାରେ । ଏପରି ସମୟ ଆସେ ଯେତେବେଳେ ଆମର ବିଶ୍ୱାସ ଟଳମଳ ହୁଏ, ଯେତେବେଳେ ସନ୍ଦେହ ଆମ ଦୃଷ୍ଟିକୁ ଆଚ୍ଛନ୍ନ କରିଦିଏ ଓ ଯେତେବେଳେ ଆମେ ଈଶ୍ୱରଙ୍କ ହସ୍ତକୁ କାର୍ଯ୍ୟରତ ଦେଖିବା ପାଇଁ ସଂଘର୍ଷ କରୁଥାଉ । ଯଦି ଆପଣ କେବେ ଅନିଶ୍ଚିତତା ଦ୍ୱାରା ଭାରାକ୍ରାନ୍ତ ଅନୁଭବ କରିଛନ୍ତି, ତେବେ ନିରାଶ ହୁଅନ୍ତୁ ନାହିଁ ଆପଣ ଏକାକୀ ନୁହଁନ୍ତି ।

ଲୂକ ୨୪:୧୩–୩୫ରେ ଉଲ୍ଲିଖିତ ଇମ୍ମାୟୁ ପଥରେ ଯାଉଥିବା ଦୁଇଜଣ ଶିଷ୍ୟଙ୍କ କାହାଣୀ ଶକ୍ତିପୂର୍ଣ୍ଣ ଭାବରେ ଏହି ସତ୍ୟକୁ ବର୍ଣ୍ଣନା କରିଛି । ଏହା ଆମକୁ ସ୍ମରଣ କରାଇ ଦିଏ ଯେ ଆମର ସନ୍ଦେହର ସମୟରେ ସୁଦ୍ଧା, ଯୀଶୁ ଆମ ପାଖେ ପାଖେ ଚାଲନ୍ତି, ଆମର ବିଶ୍ୱାସକୁ ପୁନଃପ୍ରଜ୍ୱଳିତ କରିବା ପାଇଁ ଓ ଆମର ଆଶାକୁ ଫେରାଇ ଆଣିବା ପାଇଁ ପ୍ରସ୍ତୁତ ଥାଆନ୍ତି ।

### ଅବିଶ୍ୱାସର ବୋଝ

ଗୋଟିଏ ଧୂଳି ଧୂସରିତ ରାସ୍ତାରେ ଚାଲୁଥିବା ଦୁଇଜଣ ଶିଷ୍ୟଙ୍କ ବିଷୟ କଳ୍ପନା କରନ୍ତୁ । ସେମାନଙ୍କ ପାଦ ଦୁଃଖରେ ଓଜନିଆ ହୋଇଥିଲା ଓ ସେମାନଙ୍କ ହୃଦୟ ନୈରାଶ୍ୟରେ ବୁଡ଼ି ଯାଇଥିଲା । ସେମାନେ ଯୀଶୁଙ୍କଠାରେ ସେମାନଙ୍କର

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନିର



ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ


ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**HON. EDITOR-IN-CHIEF**
Rev. Angeline S. Kumari, M.A., M.Sc., M.Ed.

**EX MANAGING EDITOR**
Pastor Alex Samson Sam, B.Th., M.Div.

**GENERAL MANAGER**
Bro. N. Prakasam, M.A., M.Sc.(C&P), PGDHRM, MBA.

**ADMINISTRATION**
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)

**EDITORIAL BOARD**
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858

**E.MAIL**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.org

**YOUTUBE CHANNEL**
Echo of His Call

"କାରଣ ଏହି ପରମେଶ୍ୱର ଅନନ୍ତକାଳ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି, ସେ ମରଣ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପଥପ୍ରଦର୍ଶକ ହେବେ" (ଗୀତସଂହିତା ୪୮:୧୪) ।

## ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଅଭିବାଦନ ଜଣାଉଅଛୁ ।* ***"ସଦାପ୍ରଭୁ ମଙ୍ଗଳମୟ ଓ ତାହାଙ୍କଙ୍କର କରୁଣା ସଦାକାଳସ୍ଥାୟୀ"*** *(୨ ବଂଶାବଳୀ ୭:୩) ।*

*ଈଶ୍ୱରଙ୍କ ବିଶ୍ୱସ୍ତତା ଯୋଗୁ, ଆମେ ୧୯୬୯ରେ ଆମ କାର୍ଯ୍ୟର ଆରମ୍ଭ କରିବା ଠାରୁ ଏପର୍ଯ୍ୟନ୍ତ ସେବାକାର୍ଯ୍ୟର ଅତି ଚମତ୍କାର ୫୫ ବର୍ଷ ଅତିବାହିତ କରିଅଛୁ । ଆମର ପରିଚାଳନା ସଂପାଦକ ଓ ଆମର ପୁତ୍ର ପାଳକ ଆଲେକ୍ସ ସାମ୍‌ସନ୍ ସାମ୍ ଯିଏ ଆମ ପାଖେ ପାଖେ ଠିଆ ହେଉଥିଲେ, ହାତରେ ହାତ ମିଳାଇ କାର୍ଯ୍ୟ କରୁଥିଲେ, ସେ ନିଜର ଦୌଡ଼ ସଂପୂର୍ଣ୍ଣ କରି ୧୩/୦୨/୨୦୨୫ରେ ପ୍ରଭୁଙ୍କ ଉପସ୍ଥିତି ମଧ୍ୟରେ ପ୍ରବେଶ କରିଛନ୍ତି । ବିଗତ ୩୦ ବର୍ଷ ଧରି, ଆମେ ତାଙ୍କ ଜୀବନ ପାଇଁ ଓ ତାଙ୍କ କାର୍ଯ୍ୟ ପ୍ରତି ତାଙ୍କର ଅବଦାନ ପାଇଁ ଈଶ୍ୱରଙ୍କର ପ୍ରଶଂସା କରୁଅଛୁ । ଆମେ ପୁନର୍ବାର ତାଙ୍କୁ ଭେଟିବା । ଆମେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।*

***"ଆହ୍ୱାନର ପ୍ରତିଧ୍ୱନି"*** *ସେବାକାର୍ଯ୍ୟର ୫୬ ତମ ବାର୍ଷିକୀ ଅଗଷ୍ଟ ୮, ୯ ଓ ୧୦ ତାରିଖରେ ଆମର ସନ୍ତୋଷପୁରମ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହେବ । ଏହି ସଭାଗୁଡ଼ିକରେ, ବିଶେଷ ବକ୍ତାମାନେ ବାକ୍ୟ ପ୍ରଚାର କରିବେ ଓ ଆମେ ପ୍ରାର୍ଥନାରେ ଓ ସହଭାଗିତାରେ ଆମ ସହିତ ଯୋଗ ଦେବା ପାଇଁ ଆପଣମାନଙ୍କୁ ଆମନ୍ତ୍ରଣ କରୁଅଛୁ ।*



**ଭଉଣୀ ଆଞ୍ଜେଲାଇନ ସେଲ୍‌ଭାକୁମାରୀ**

*ଆମେ ଖୁସିର ସହିତ ଏହା ଘୋଷଣା କରୁଅଛୁ ଯେ ଆମର ପ୍ରିୟ କନ୍ୟା, ଆଞ୍ଜେଲାଇନ ସେଲ୍‌ଭାକୁମାରୀ, ସମ୍ମାନୀୟା ମୁଖ୍ୟ ସଂପାଦିକାଙ୍କୁ ବର୍ତ୍ତମାନ ଆମ କାର୍ଯ୍ୟାଳୟର ଅନ୍ୟ ସମର୍ପିତ ସଦସ୍ୟମାନଙ୍କର ମୁଖ୍ୟ ଓ ପରିଚାଳିକା ଭାବରେ ନିଯୁକ୍ତି ଦିଆଯାଇଛି । ଆମେ ଏହି ସେବାକାର୍ଯ୍ୟକୁ ନୂତନ ଉଚ୍ଚତାକୁ ନେଉଥିବା ସମୟରେ, ତାଙ୍କୁ ପ୍ରାର୍ଥନାରେ ତୋଳି ଧରିବା ପାଇଁ ଓ ସେମାନଙ୍କର ସଂପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ଆମେ ଆମର ସାଥୀ ଓ ସେବାକାର୍ଯ୍ୟର ସହଯୋଗୀମାନଙ୍କୁ ଅନୁରୋଧ କରୁଅଛୁ ।*

## ଯୋଶୁଆ ଓ୍ୱାରିୟର୍ସ ଇଣ୍ଟରନେସନାଲ୍

*ବିଗତ ତିନିବର୍ଷ ଧରି, ଆମର ଯୋଶୁଆ ଓ୍ୱାରିୟର୍ସ ଇଣ୍ଟରନେସନାଲ ନିମ୍ନଲିଖିତ ସେବାକାର୍ଯ୍ୟରେ ସକ୍ରିୟ ଭାବରେ ନିୟୋଜିତ ହୋଇଅଛି :*

### ୧. ଗ୍ଲୋବାଲ୍‌ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର

*ଆପଣମାନଙ୍କର ନିଜ ନିଜ ଦେଶରେ ପ୍ରତିଦିନ ରାତ୍ରି ୧୦କୁ ଏକ ସମର୍ପିତ ପ୍ରାର୍ଥନା ସମୟ ଭାବରେ ନିରୂପଣ କରାଯାଇଛି । ଆମେ ପ୍ରାର୍ଥନା କରିବା ପାଇଁ ଆପଣମାନଙ୍କୁ ଉତ୍ସାହିତ କରୁଅଛୁ :*

***"ପ୍ରଭୁ, ଦୟାକରି ପୃଥିବୀର ସମସ୍ତ ଯୁବକ, ଯୁବତୀ ଓ ପିଲାମାନଙ୍କୁ ସ୍ମରଣ କରନ୍ତୁ ।"***

*ଈଶ୍ୱର ଏହି ବର୍ଷ ଗୁଡ଼ିକରେ, ଆମ ମଣ୍ଡଳୀ ଗୁଡ଼ିକରେ ଯୁବାମାନଙ୍କ ମଧ୍ୟରେ ଶକ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଛନ୍ତି । ଆପଣ ଏହି ପ୍ରାର୍ଥନା ଦଳରେ ଯୋଗ ଦେଇପାରିବେ । ଏହିପରି ଭାବରେ, ଆପଣ ଯେଉଁଠାରେ ବାସ କରୁଛନ୍ତି, ସେହି ସ୍ଥାନରୁ ପ୍ରତିଦିନ ରାତି ୧୦ଟାରେ ଏହି ପ୍ରାର୍ଥନା ଉତ୍ସର୍ଗ କରିପାରିବେ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।*

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · YouTube Ministry · Online Courses · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

## ୨. ୨୪ ଘଣ୍ଟିଆ ନିରବଚ୍ଛିନ୍ନ ପ୍ରାର୍ଥନା

ବିଶ୍ୱ ଉଦ୍ଦୀପନା ଓ ଲୋକମାନଙ୍କର ଆବଶ୍ୟକତା ନିମନ୍ତେ ଏକ ବୋଝର ସହିତ, ଆମେ ସପ୍ତାହ ସାରା ପ୍ରତ୍ୟେକ ଦିନ ଏକ ନିରବଚ୍ଛିନ୍ନ ପ୍ରାର୍ଥନା କାର୍ଯ୍ୟକ୍ରମ ଚଳାଉଅଛୁ । ଆପଣମାନେ ଆପଣମାନଙ୍କର ଉପଯୁକ୍ତ ସମୟରେ ଗୋଟିଏ ଘଣ୍ଟା ପାଇଁ ପ୍ରାର୍ଥନା କରିବା ନିମନ୍ତେ ଦସ୍ତଖତ କରିବା ଦ୍ୱାରା ଅଂଶଗ୍ରହଣ କରିବା ପାଇଁ ଆମେ ଆପଣମାନଙ୍କୁ ଆମନ୍ତ୍ରଣ କରୁଅଛୁ । ଦୟାକରି ଆମ କାର୍ଯ୍ୟାଳୟକୁ ଆପଣମାନଙ୍କର ନାମ, ମୋବାଇଲ ନମ୍ବର ଓ ଉପଯୁକ୍ତ ସମୟ ପ୍ରେରଣ କରନ୍ତୁ ।



ଭଉଣୀ ଆଣ୍ଡ୍ରିଆ ଖ୍ରୀଷ୍ଟମାସ ହେନ୍‌ରୀ

## ୩. ଅଧିବେଶନ, ଶିବିର ଓ କର୍ମଶାଳା

ସମଗ୍ର ପୃଥିବୀର ଯୁବକ ଯୁବତୀମାନଙ୍କୁ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ସାକ୍ଷୀ ଭାବରେ ବୃଦ୍ଧି କରିବା ପାଇଁ ସାଂପ୍ରଦାୟିକ ମନୋଭାବରୁ ଉର୍ଦ୍ଧ୍ୱକୁ ଉଠି ଆନ୍ତର୍ଜାତୀୟ ଭାବରେ ବିଶେଷ ତାଲିମ ଅଧିବେଶନ ପରିଚାଳନା କରାଯାଉଛି ।

ଯଦି ଆପଣମାନେ ଏହି ବିଶ୍ୱସ୍ତରୀୟ ପ୍ରାର୍ଥନାରେ ଅଂଶୀ ହେବା ପାଇଁ ଇଚ୍ଛା କରୁଛନ୍ତି, ତେବେ ଆପଣମାନେ ବିନା ମୂଲ୍ୟରେ ଯୋଗ ଦେଇପାରିବେ । ଆମେ ଆପଣମାନଙ୍କୁ ନୂତନ ନୂତନ ସମ୍ବାଦ ଓ ସାକ୍ଷ୍ୟ ସବୁ ଜଣାଇବୁ । ଭଉଣୀ ଆଣ୍ଡ୍ରିଆ ଖ୍ରୀଷ୍ଟମାସ ହେନ୍‌ରୀ ଏହି ସେବାକାର୍ଯ୍ୟର ଦାୟିତ୍ୱ ନେଇଛନ୍ତି ।

## ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜ

ଆମେ **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ** ପାଇଁ ଦକ୍ଷ ନେତା ଓ ଶିକ୍ଷକମାନଙ୍କୁ ଆବଶ୍ୟକ କରୁଅଛୁ ।



ଆଚାର୍ଯ୍ୟ ଡ. ଜନ୍ ରାଜାରତ୍ନମ୍

ଏହା ସହିତ, ଆମର **ନିହିମିୟା ବାଇବଲ କଲେଜ** ସଫଳ ଭାବରେ କାର୍ଯ୍ୟ କରିଚାଲିଛି ।

**(୧) ତାମିଲ ପାଠ୍ୟକ୍ରମ** – ଭେଲାଚେରୀ, ଚେପକ୍ ଓ ସନ୍ତୋଷପୁରମ୍ (ସାଂଧ୍ୟ ଶ୍ରେଣୀ, ସପ୍ତାହକୁ ତିନିଦିନ – ସୋମବାର, ମଙ୍ଗଳବାର, ଗୁରୁବାର) ।

**(୨) ହିନ୍ଦୀ ପାଠ୍ୟକ୍ରମ** – ଭେଲାଚେରୀ (ଆବାସିକ)

ଦୟାକରି, ବରିଷ୍ଠ ଅଧକ୍ଷ ଭାବରେ ଏହି ପ୍ରଚେଷ୍ଟାର ନେତୃତ୍ୱ ନେଉଥିବା ରେଭ.ଡ.ଜନ୍.ରାଜାରତ୍ନମ୍‌ଙ୍କୁ ଆପଣମାନଙ୍କ ପ୍ରାର୍ଥନାରେ ଟେକି ଧରନ୍ତୁ ।

## ସ୍ୱୀକୃତି ଓ କୃତଜ୍ଞତା

ଆମେ ଆମର ସେହି ସମସ୍ତ ସମର୍ପିତ ସହଯୋଗୀ ସଂପାଦକ, ଅନୁବାଦକ, ସାହାଯ୍ୟକାରୀ, କାର୍ଯ୍ୟାଳୟର କର୍ମଚାରୀ, ଡିଟିପି କର୍ମଚାରୀ ଓ ମୁଦ୍ରଣ କର୍ମଚାରୀଙ୍କ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ ଯେଉଁମାନେ ମାସିକ ପତ୍ରିକା ‘‘ଆହ୍ୱାନର ପ୍ରତିଧ୍ୱନି’’କୁ ୧୬ଟି ଭାଷାରେ ପ୍ରକାଶ କରାଇବାରେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଦୟାକରି ଏହି ୭୫ ଜଣ ବ୍ୟକ୍ତିଙ୍କୁ ଆପଣମାନଙ୍କ ପ୍ରାର୍ଥନାରେ ସ୍ମରଣ କରନ୍ତୁ ।

୧୦୦ ଜଣରୁ ଅଧିକ ସେବକ ପାଳକ, ସଣ୍ଡେସ୍କୁଲ ଶିକ୍ଷକ, ପ୍ରାର୍ଥନା ଦଳର ନେତା, ଯୁବ ଦଳର ନେତା ଓ ଗୃହ ପ୍ରାର୍ଥନା ଦଳର ସଂଯୋଜକ ଭାବରେ ଆମର ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରୁଛନ୍ତି । ଆମେ ଏହି ସମସ୍ତ ସେବାକାର୍ଯ୍ୟ ନିମନ୍ତେ ଆପଣମାନଙ୍କର ନିରନ୍ତର ପ୍ରାର୍ଥନା ଓ ସହାୟତା ଆବଶ୍ୟକ କରୁଅଛୁ ।

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାଙ୍କ ଲୋକମାନଙ୍କ ମାଧମରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ବୋଲି ବିଶ୍ୱାସ କରି, ଆମେ ଦୃଢ଼ ଭାବରେ ଠିଆ ହୋଇଛୁ । ଆମେ ମାନବିକ ଶକ୍ତି ଉପରେ ନୁହେଁ, ମାତ୍ର ଈଶ୍ୱରଙ୍କ ଉପରେ ନିର୍ଭର କରୁଅଛୁ । ଏହି ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନାରେ ଆମ ସହିତ ଯୋଗ ଦେବା ପାଇଁ ଓ ପ୍ରଭୁଙ୍କ ଚାଳନା ଅନୁସାରେ ଆମକୁ ସାହାଯ୍ୟ କରିବା ପାଇଁ ଆମେ ଆପଣମାନଙ୍କୁ ଉତ୍ସାହିତ କରୁଛୁ ।

ପ୍ରଭୁ ପ୍ରତ୍ୟାବର୍ତ୍ତନ କରିବା ପରେ, ତଦନୁସାରେ ଆପଣଙ୍କୁ ପୁରସ୍କୃତ କରିବେ ।

ଆପଣମାନଙ୍କ ଉପରେ ଅନୁଗ୍ରହ ବର୍ତ୍ତୁ ।

ତାଙ୍କ ସେବାରେ,

**ଆହ୍ୱାନର ପ୍ରତିଧ୍ୱନି ପରିବାର**

E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

**ଆହ୍ୱାନର ପ୍ରତିଧ୍ୱନି** ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସମସ୍ତ ଆଶା ସ୍ଥାପନ କରିଥିଲେ ଓ ସେ ସେହି ଦୀର୍ଘ ପ୍ରତୀକ୍ଷିତ ମସିହ ବୋଲି ବିଶ୍ୱାସ କରୁଥିଲେ ଯିଏ ଇସ୍ରାଏଲକୁ ଉଦ୍ଧାର କରିବ । ମାତ୍ର, ବର୍ତ୍ତମାନ, ତାଙ୍କ କ୍ରୁଶାର୍ପଣ ସେମାନଙ୍କ ମନରେ ସତେଜ ହୋଇ ରହିଥିଲା ଓ ସେମାନଙ୍କର ସ୍ୱପ୍ନ ନଷ୍ଟ ହୋଇ ଯାଇଥିଲା । ଯଦିଓ ତାଙ୍କ ପୁନରୁତ୍ଥାନର ସମ୍ବାଦ ପ୍ରସାରିତ ହେବାରେ ଲାଗିଥିଲା, ତଥାପି ସେମାନଙ୍କର ଦୁଃଖ ଓ ସନ୍ଦେହ ସେମାନଙ୍କର ବୋଧ ଶକ୍ତିକୁ ଆଚ୍ଛନ୍ନ କରି ଦେଇଥିଲା ।

ସେମାନେ ଯାତ୍ରା କରୁଥିବା ସମୟରେ ଜଣେ ଅପରିଚିତ ବ୍ୟକ୍ତି ସେମାନଙ୍କ ସହିତ ଯୋଗ ଦେଇଥିଲେ – ସେ ନିଜେ ଯୀଶୁ ଥିଲେ, ମାତ୍ର ସେମାନେ ତାଙ୍କୁ ଚିହ୍ନି ପାରି ନ ଥିଲେ । ସେମାନେ କେଉଁ ବିଷୟରେ କଥାବାର୍ତ୍ତା କରୁଛନ୍ତି ବୋଲି ସେ ସେମାନଙ୍କୁ ପଚାରିବାରୁ, ସେମାନେ ସେମାନଙ୍କର ଦୁଃଖ ଓ ଦ୍ୱନ୍ଦ୍ୱ ବିଷୟରେ ଜଣାଇଥିଲେ । ଯୀଶୁ ଧୈର୍ଯ୍ୟର ସହିତ ସେମାନଙ୍କ କଥା ଶୁଣିଥିଲେ ଓ ସେମାନଙ୍କୁ କୋମଳ ଭାବରେ ଭର୍ତ୍ସନା କରିଥିଲେ ।

**‘‘... ହେ ନିର୍ବୋଧମାନେ ଓ ଭାବବାଦୀମାନଙ୍କ ଦ୍ୱାରା କଥିତ ସମସ୍ତ ବାକ୍ୟରେ ବିଶ୍ୱାସ କରିବାକୁ ଶିଥିଳଚିତ୍ତମାନେ,...’’ (ଲୂକ ୨୪:୨୫) ।**

ତାଙ୍କର ବାକ୍ୟ କଠୋର ନ ଥିଲା ମାତ୍ର ଧର୍ମଶାସ୍ତ୍ରର ପ୍ରତିଜ୍ଞାଗୁଡ଼ିକୁ ସ୍ମରଣ କରିବା ପାଇଁ ଏକ କୋମଳ ଆହ୍ୱାନ ଥିଲା – ଏହା ଏହି ବିଷୟକୁ ସ୍ମରଣ କରାଇ ଦେଉଥିଲା ଯେ ପ୍ରତ୍ୟେକ ଭାବବାଣୀ, ପ୍ରତ୍ୟେକ ସ୍ୱର୍ଗୀୟ ନିଶ୍ଚୟତା ସର୍ବଦା ତାଙ୍କ ପ୍ରତି ହିଁ ନିର୍ଦ୍ଦେଶିତ ଥିଲା ।

ଆପଣ କେତେଥର ନିଜକୁ ସେହି ଶିଷ୍ୟମାନଙ୍କର ସ୍ଥାନରେ ଆବିଷ୍କାର କରନ୍ତି ? ଆମେ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ଜାଣୁ, ତଥାପି ଯେତେବେଳେ ଅସୁବିଧା ଦେଖାଦିଏ, ସେତେବେଳେ ଆମର ଦୃଷ୍ଟି ତାଙ୍କ ସତ୍ୟ ପରିବର୍ତ୍ତେ ଆମ ସମସ୍ୟା ଉପରେ କେନ୍ଦ୍ରିଭୂତ ହୁଏ । ଆମର ଆବେଗ ଆମର ବିଶ୍ୱାସକୁ ଆଚ୍ଛନ୍ନ କରିଦିଏ ଓ ଆମେ ନିରୁତ୍ସାହିତ ହୋଇଯାଉ । ମାତ୍ର ଆମେ ତାଙ୍କୁ ଚିହ୍ନିବାରେ ବିଫଳ ହେଲେ ମଧ୍ୟ ବାସ୍ତବତା ଅପରିବର୍ତ୍ତନୀୟ ହୋଇ ରହେ । ଯୀଶୁ ଆମ ଜୀବନରେ ନିଜକୁ ପ୍ରକାଶ କରିବା ପାଇଁ ଆମ ସହିତ ଚାଲୁଥାନ୍ତି ଓ ଧୈର୍ଯ୍ୟର ସହିତ ଅପେକ୍ଷା କରୁଥା'ନ୍ତି ।

## ଯୀଶୁ, ଶ୍ରେଷ୍ଠ ସାନ୍ତ୍ୱନାଦାତା

ଯାହା ଇମ୍ମାୟୁ ଘଟଣାକୁ ଏତେ ଗଭୀରଭାବେ ପ୍ରଭାବଶାଳୀ କରିଛି, ତା' ହେଉଛି, ତାଙ୍କ ଶିଷ୍ୟମାନଙ୍କର ନିକଟବର୍ତ୍ତୀ ହେବା ପାଇଁ ଯୀଶୁ ମନୋନୀତ କରିଥିବା ମାର୍ଗ । ସେ ଭବ୍ୟ କିମ୍ବା ମହିମା ମଣ୍ଡିତ ଭାବରେ ସଙ୍ଗେ ସଙ୍ଗେ ନିଜର ପରିଚୟ ପ୍ରକାଶ କରନ୍ତି ନାହିଁ । ସେ ସେମାନଙ୍କ ପାଖେ ପାଖେ ଚାଲନ୍ତି, ସେମାନଙ୍କର ଦୁଃଖ ଶୁଣନ୍ତି, ଓ କୋମଳ ଭାବରେ ବୁଝିବା ଦିଗକୁ ସେମାନଙ୍କୁ କଢ଼ାଇ ନିଅନ୍ତି । ସେହିପରି କରିବାରେ, ସେ ଆମ ସଂଘର୍ଷ ବିଷୟରେ ତାଙ୍କର ଗଭୀର ସଚେତନତାକୁ ପ୍ରଦର୍ଶନ କରନ୍ତି । ଯୀଶୁ ଆମ ଭଗ୍ନତା ଓ ଦୁଃଖ ସମୟରେ ଆମକୁ ସାକ୍ଷାତ୍ କରନ୍ତି । ସେ ତାତ୍‌କ୍ଷଣିକ ବିଶ୍ୱାସ ଦାବୀ କରନ୍ତି ନାହିଁ କିମ୍ବା ରାତାରାତି ଯେ ଆମର ଯନ୍ତ୍ରଣା ଦୂର ହେବ, ଏହା ସେ ଆଶା କରନ୍ତି ନାହିଁ । ବରଂ, ସେ ନିଜର ପ୍ରେମପୂର୍ଣ୍ଣ ଉପସ୍ଥିତି ଓ ତାଙ୍କ ସତ୍ୟତାର ସୁସ୍ଥକାରୀ ଶକ୍ତିକୁ ପ୍ରଦାନ କରନ୍ତି ।

ସେହି ସମୟ ବିଷୟରେ ଚିନ୍ତା କରନ୍ତୁ ଯେତେବେଳେ ଆପଣ ହୁଏତ ଏକ ଯନ୍ତ୍ରଣାପୂର୍ଣ୍ଣ ବିଚ୍ଛେଦ, କିମ୍ବା ଗୋଟିଏ ଚାକିରୀ ହରାଇବା, କିମ୍ବା ଅଦମନୀୟ ମନେ ହେଉଥିବା କୌଣସି ବିଫଳତା ପରେ ବିନଷ୍ଟ ହେବା ଭଳି ଅନୁଭବ କରିଛନ୍ତି । ସେହି ସମୟ ଗୁଡ଼ିକରେ, ଈଶ୍ୱର ନୀରବ ରହିଛନ୍ତି କି ବୋଲି ଆପଣ ଭାବିଥିବେ । ମାତ୍ର ସତ୍ୟ ବିଷୟ ହେଉଛି, ସେ ସର୍ବଦା ଉପସ୍ଥିତ ଅଛନ୍ତି – ଆପଣଙ୍କ ପାଖେ ପାଖେ ଚାଲୁଛନ୍ତି, ତାଙ୍କ ବାକ୍ୟ ମାଧ୍ୟମରେ କଥା କହୁଛନ୍ତି ଓ ଆପଣ ଯେପରି ତାଙ୍କୁ ଚିହ୍ନିବେ, ଏଥିପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରୁଛନ୍ତି । ଯୀଶୁ ଆମକୁ ତାଙ୍କର ଉପସ୍ଥିତି ମଧ୍ୟକୁ ଆମର ଭାରଗୁଡ଼ିକୁ ଆଣିବା ପାଇଁ ଓ ଆମର ଦୁଃଖକୁ ଆନନ୍ଦରେ ପରିଣତ କରିବା ନିମନ୍ତେ ତାଙ୍କୁ ଅନୁମତି ଦେବା ପାଇଁ ଆହ୍ୱାନ କରୁଛନ୍ତି । ଯୋହନ ୧୧:୨୫ ଘୋଷଣା କରିଛି, **''ମୁଁ ପୁନରୁତ୍ଥାନ ଓ ଜୀବନ, ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ ତଥାପି ବଞ୍ଚିବ ।''** ଏହି ପ୍ରତିଜ୍ଞା କେବଳ ଦୂର ଭବିଷ୍ୟତ୍ ପାଇଁ ନୁହେଁ, ମାତ୍ର ପ୍ରତିଦିନ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ପାଇଁ ମଧ୍ୟ ଉଦ୍ଦିଷ୍ଟ ଅଟେ ।

## ଈଶ୍ୱରଙ୍କ ବାକ୍ୟର ଶକ୍ତି

ଶିଷ୍ୟମାନେ ସେମାନଙ୍କ ଯାତ୍ରା ପଥରେ ଚାଲୁଥିବା ସମୟରେ, ଯୀଶୁ ସେମାନଙ୍କ ସମ୍ମୁଖରେ ଧର୍ମଶାସ୍ତ୍ରକୁ ଉନ୍ମୋଚିତ କରିବା ଆରମ୍ଭ କରିଥିଲେ । କିପରି ମୋଶାଙ୍କଠାରୁ ଆରମ୍ଭ କରି ଗୀତସଂହିତା ପର୍ଯ୍ୟନ୍ତ ପ୍ରତ୍ୟେକ ଭାବବାଣୀ ତାଙ୍କର ଦୁଃଖଭୋଗ ଓ ଚରମ ଗୌରବ ପ୍ରତି ନିର୍ଦ୍ଦେଶିତ ହୋଇଥିଲା, ତାହା ସେ ପ୍ରକାଶ କରିଥିଲେ । ସେହି ବାର୍ତ୍ତାଳାପର ଗଭୀରତାକୁ କଳ୍ପନା କରନ୍ତୁ : ପ୍ରତ୍ୟେକ ବାକ୍ୟ, ପ୍ରତ୍ୟେକ ଭାବବାଣୀ, ପ୍ରତ୍ୟେକ ପ୍ରତୀକାତ୍ମକ ବିଷୟ ହଠାତ୍ ଜୀବନ୍ତ ହୋଇ ଯାଇଥିଲା । ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଶିଷ୍ୟମାନେ ପରେ ବିସ୍ମିତ ହୋଇ କହିଥିଲେ, **''... ଯେତେବେଳେ ପଥ ମଧ୍ୟରେ ସେ ଆମ୍ଭମାନଙ୍କ ସାଙ୍ଗରେ କଥାବାର୍ତ୍ତା କରୁଥିଲେ ଓ ଆମ୍ଭମାନଙ୍କୁ ଧର୍ମଶାସ୍ତ୍ର ବୁଝାଉଥିଲେ, ସେତେବେଳେ କଅଣ ଆମ୍ଭମାନଙ୍କ ହୃଦୟ ଉତ୍ତପ୍ତ ହେଉ ନ ଥିଲା ?''** (ଲୂକ ୨୪:୩୨) ।

## ଜୀବନ୍ତ ବାକ୍ୟ ଓ ପୁନରୁତ୍ଥାନର ପ୍ରତିଜ୍ଞା

ବାଇବଲ ଅତୀତର ଏକ ସ୍ମାରକ ନୁହେଁ, ଏହା ଏକ ଜୀବନ୍ତ ଓ ସକ୍ରିୟ ପଥ ପଦର୍ଶକ ଅଟେ (ଏବ୍ରୀ ୪:୧୨) ଯାହା ଆଜି ମଧ୍ୟ ଆମ ହୃଦୟ ନିକଟରେ କଥା କହି ଚାଲିଛି । ଯେତେବେଳେ ଆମେ ନିଜ ନିଜକୁ ଧର୍ମଶାସ୍ତ୍ରରେ ନିମଜ୍ଜିତ କରୁ, ସେତେବେଳେ ଆମେ ଆମର ଶାନ୍ତି ଓ ପ୍ରତି ବିପଦ ସୃଷ୍ଟି କରୁଥିବା ସନ୍ଦେହ ଓ ଭୟକୁ ନୀରବ କରିବା ପାଇଁ ଈଶ୍ୱରଙ୍କ ସତ୍ୟକୁ ଆମନ୍ତ୍ରଣ କରୁ । ଶିଷ୍ୟମାନେ ଯୀଶୁଙ୍କ ଉପସ୍ଥିତିର ଭୌତିକ ପ୍ରମାଣ ଆବଶ୍ୟକ କରୁ ନ ଥିଲେ – ସେମାନେ ଏପରି ଆଲୋକ ଆବଶ୍ୟକ କରୁଥିଲେ ଯାହା ତାଙ୍କ ବାକ୍ୟକୁ ବୁଝିବା ଦ୍ୱାରା ଆସେ । ପୁଣି ଯେତେବେଳେ ସେହି ଆଲୋକ ସେମାନଙ୍କର ଦୁଃଖ ମଧ୍ୟ ଦେଇ ପ୍ରବେଶ କରିଥିଲା, ସେତେବେଳେ ସେମାନଙ୍କ ହୃଦୟ ନୂତନୀକୃତ ଆଶାରେ ପ୍ରଜ୍ୱଳିତ ହୋଇଥିଲା ।

ରୋମୀୟ ୬:୪ କୁ ବିଚାର କରନ୍ତୁ । ସେଠାରେ ଘୋଷଣା କରାଯାଇଛି, **''ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ନୂତନ ଭାବେ ଆଚରଣ କରୁ''** । ଏହି ନୂତନ ଜୀବନ ପୁନରୁତ୍ଥାନର ଭରସା ଉପରେ ନିର୍ମିତ ହୋଇଛି– ଏହା ଏପରି ଏକ ଭରସା ଯାହା ଅତି ଅନ୍ଧକାର ସମୟରେ ସୁଦ୍ଧା ଆମର ଆତ୍ମାକୁ ନୂତନୀକୃତ କରି ଭିତରୁ ଆମକୁ ପରିବର୍ତ୍ତିତ କରେ ।

## ପୁନରୁତ୍ଥାନର ପ୍ରତିଜ୍ଞା

ପୁନରୁତ୍ଥାନ କେବଳ ଇଷ୍ଟର ପ୍ରଭାତ ପର୍ଯ୍ୟନ୍ତ ସୀମିତ ଏକ ଐତିହାସିକ ଘଟଣା ନୁହେଁ, ଏହା ଆମ ବିଶ୍ୱାସର କୋଣପ୍ରସ୍ତର ଓ ପାପ ଓ ମୃତ୍ୟୁ ଉପରେ ଈଶ୍ୱରଙ୍କ ଶକ୍ତିର ଚରମ ପ୍ରଦର୍ଶନ ଅଟେ । ୧ କରିନ୍ଥୀୟ ୧୫:୨୦–୨୧ରେ, ପାଉଲ ଘୋଷଣା କରିଛନ୍ତି : **''କିନ୍ତୁ ପ୍ରକୃତରେ ଖ୍ରୀଷ୍ଟ ମହାନିଦ୍ରାପ୍ରାପ୍ତ ଲୋକମାନଙ୍କର ପ୍ରଥମ ଫଳ ସ୍ୱରୂପେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇଅଛନ୍ତି । କାରଣ ମନୁଷ୍ୟ ଦ୍ୱାରା ମୃତ୍ୟୁ ଉପସ୍ଥିତ ହୋଇଥିବାରୁ ମନୁଷ୍ୟ ଦ୍ୱାରା ମଧ୍ୟ ମୃତମାନଙ୍କର ପୁନରୁତ୍ଥାନ ଉପସ୍ଥିତ ହୋଇଅଛି । ଯେଣୁ ଆଦମ ଦ୍ୱାରା ଯେପରି ସମସ୍ତେ ମୃତ୍ୟୁଭୋଗ କରନ୍ତି, ସେହିପରି ମଧ୍ୟ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତେ ସଜୀବ ହେବେ ।''** ଏହି ଗଭୀର ସତ୍ୟ ଆମକୁ ଏହି ଭରସା ଦିଏ ଯେ ମୃତ୍ୟୁ ଶେଷ ନୁହେଁ – ସେହିପରି ଆମର କ୍ଳେଶ କିମ୍ବା ବିଫଳତା ମଧ୍ୟ ଶେଷ ନୁହେଁ ।

କବର ଉପରେ ଯୀଶୁଙ୍କ ବିଜୟ ଏହି ନିଶ୍ଚୟତା ଦିଏ ଯେ ଆମେ ମଧ୍ୟ ଆମ ପରିସ୍ଥିତିର ଊର୍ଦ୍ଧ୍ୱକୁ ଉଠିପାରିବା । ଯେତେବେଳେ ଜୀବନର କଷ୍ଟ ଆମକୁ ଭାରାକ୍ରାନ୍ତ କରେ, ସେତେବେଳେ ପୁନରୁତ୍ଥାନ ଦୃଷ୍ଟିକୋଣରେ ଏକ ପରିବର୍ତ୍ତନ ପ୍ରଦାନ କରେ : ଆମର ବର୍ତ୍ତମାନର ଦୁଃଖ କ୍ଷଣସ୍ଥାୟୀ ଅଟେ, ମାତ୍ର ଅନନ୍ତ ଜୀବନର ଭରସା ଅଟଳ ଅଟେ । ଏହା ଆମ ଯନ୍ତ୍ରଣାକୁ ବହିଷ୍କାର କରିବା ପାଇଁ ଏକ ଆହ୍ୱାନ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ ବିଜୟ ରୂପକ ଯବକାଚ ମାଧ୍ୟମରେ ଏହା ଦେଖିବା ପାଇଁ ଏକ ଆମନ୍ତ୍ରଣ ଅଟେ । ତାଙ୍କଠାରେ, ଆମେ ସହିବା ପାଇଁ ଶକ୍ତି, ଭରସା କରିବା ପାଇଁ ସାହସ ଓ ଆମେ ଯାହା ଦେଖିପାରୁ, ତାହାର ଊର୍ଦ୍ଧ୍ୱରେ ଦେଖିବା ପାଇଁ ଏକ ପ୍ରତିଜ୍ଞା ପାଉ ।

## କ୍ଳେଶ ମଧ୍ୟରେ ଆଶା

ପୁନରୁତ୍ଥାନର ଆଶାରେ ଜୀବନ କାଟିବାର ଅର୍ଥ ଏହା ନୁହେଁ ଯେ ଜୀବନ ଆହ୍ୱାନ ମୁକ୍ତ ହେବ । ପ୍ରେରିତ ପାଉଲ ରୋମୀୟ ୮:୧୮ରେ ଆମକୁ ଏହା ସ୍ମରଣ କରାଇ ଦେଇଛନ୍ତି, **''କାରଣ ମୋ' ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ ।''** ଆମର କ୍ଳେଶ ଯେତେ ଯନ୍ତ୍ରଣାଦାୟକ ହେଲେ ମଧ୍ୟ, ସେଗୁଡ଼ିକ ଆମକୁ ପ୍ରଦତ୍ତ ହୋଇଥିବା ଅନନ୍ତ ଗୌରବର ପ୍ରତିଜ୍ଞାର ଆଲୋକରେ କ୍ଷଣସ୍ଥାୟୀ ଅଟେ ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଏପ୍ରିଲ ୧୯ ରୁ ୨୦୨୫ ମଇ ୧୮ ପର୍ଯ୍ୟନ୍ତ)

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଏପ୍ରିଲ ୧୯ ⇨ **ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର** ସମସ୍ତ କାର୍ଯ୍ୟରେ ତାଙ୍କର ଚାଳନା ନିମନ୍ତେ ।

ଏପ୍ରିଲ ୨୦ ⇨ ଯୋଗ୍ୟ ଓ ସମର୍ପିତ ନୂତନ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବା ପାଇଁ ଆମର ଅନୁଷ୍ଠାନକୁ ସାମର୍ଥ୍ୟ ଦେଇଥିବାରୁ ।

ଏପ୍ରିଲ ୨୧ ⇨ ଆମର ସମସ୍ତ ସହଯୋଗୀ ସଂପାଦକଙ୍କର ଜୀବନ ଓ ପରିବାର ନିମନ୍ତେ ।

ଏପ୍ରିଲ ୨୨ ⇨ ଆମର ସମସ୍ତ ମଣ୍ଡଳୀ, ସଣ୍ଡେସ୍କୁଲ, ଯୁବ ସେବାକାର୍ଯ୍ୟ ଓ ଡାକ୍ତରଖାନା ପ୍ରଚାର କାର୍ଯ୍ୟକ୍ରମ ଉପରେ ତାଙ୍କର ନିରନ୍ତର ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୨୩ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଏପ୍ରିଲ ୨୪ ⇨ ଆମର **ବାଇବଲ କରେସ୍ ପଣ୍ଡେସ ପାଠ୍ୟକ୍ରମ (ବାଇବଲ କୋର୍) ଓ ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ** ଉପରେ ତାଙ୍କ ଦୟା ନିମନ୍ତେ ।

ଏପ୍ରିଲ ୨୫ ⇨ ଆମ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଗୁଡ଼ିକର କଲ୍ୟାଣ ଓ ସୁରକ୍ଷାକୁ ସୁନିଶ୍ଚିତ କରିଥିବାରୁ ।

ଏପ୍ରିଲ ୨୬ ⇨ ପାଞ୍ଚ ମିନିଟ୍‌ର ୟୁ-ଟ୍ୟୁବ୍ ବାର୍ତ୍ତା ମାଧ୍ୟମରେ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜଙ୍କର ଶକ୍ତିପୂର୍ଣ୍ଣ ସାକ୍ଷ୍ୟ ନିମନ୍ତେ ।

ଏପ୍ରିଲ ୨୭ ⇨ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ତାଙ୍କର ବ୍ୟବସ୍ଥା ଓ ଚାଳନା ନିମନ୍ତେ ।

ଏପ୍ରିଲ ୨୮ ⇨ ଆମ ଛାପାକଳରେ ୧୬ଟି ଭାଷାରେ ପ୍ରକାଶିତ ହୋଇ ମିଶନ କ୍ଷେତ୍ରଗୁଡ଼ିକରେ ବଣ୍ଟନ କରାଯାଉଥିବା ଆମର ମାସିକ ପତ୍ରିକା ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୨୯ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ଏପ୍ରିଲ ୩୦ ⇨ ଆମର ସମସ୍ତ ମାଣ୍ଡଳିକ କାର୍ଯ୍ୟରେ ସକ୍ରିୟଭାବେ ଅଂଶଗ୍ରହଣ କରିବା ପାଇଁ ଯୁବକ ଯୁବତୀମାନଙ୍କୁ ପ୍ରେରଣା ଓ ଶକ୍ତି ଦେଇଥିବାରୁ ।

ମଇ ୧ ⇨ ଆମର ମିଶନ କର୍ମଚାରୀ ମାନଙ୍କର ଅଟଳ ସମର୍ପଣ ନିମନ୍ତେ ।

ମଇ ୨ ⇨ ସମଗ୍ର ବିଶ୍ୱରେ ଅସ୍ଥିରତା ଓ ଯୁଦ୍ଧର ବିପଦ ମଧ୍ୟରେ ସମସ୍ତ ଦେଶ ପାଇଁ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ମଇ ୩ ⇨ ରାଜନୈତିକ ଓ ଧାର୍ମିକ ବିରୋଧ ସତ୍ତ୍ୱେ, ଆମ ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ପ୍ରତିରୋଧକ ଶକ୍ତି ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ମଇ ୪ ⇨ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମଇ ୫ ⇨ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଭର୍ତ୍ତି ନିମନ୍ତେ ।

ମଇ ୬ ⇨ ସମଗ୍ର ବିଶ୍ୱର ମଣ୍ଡଳୀଗୁଡ଼ିକ ଯେପରି ଆତ୍ମା ସବୁ ଲାଭ କରିବେ ଓ ଉଦ୍ଦୀପନାର ଅନୁଭୂତି ପାଇବେ ।

ମଇ ୭ ⇨ ଆମର ଛାପାକଳ ଓ ଏହାର ଦୈନନ୍ଦିନ ସୁପରିଚାଳନା ନିମନ୍ତେ ।

ମଇ ୮ ⇨ ଆମ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଏକତା ଓ ମିଳନ ନିମନ୍ତେ ।

ମଇ ୯ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ମଇ ୧୦ ⇨ ଆମ ସେବାକାର୍ଯ୍ୟର ଆର୍ଥିକ ଆବଶ୍ୟକତା ପୂରଣ ନିମନ୍ତେ ।

ମଇ ୧୧ ⇨ ସେବାକାର୍ଯ୍ୟ ଓ ପ୍ରଚାରକମାନଙ୍କ ବିରୁଦ୍ଧରେ ତାଡ଼ନା ଯେପରି ସମାପ୍ତ ହେବ ।

ମଇ ୧୨ ⇨ ଉତ୍ତର ଭାରତର ସମସ୍ତ ମିଶନେରୀ ଓ ଈଶ୍ୱରଙ୍କ ଦାସ ଓ ସେମାନଙ୍କ ପରିବାର ଗୁଡ଼ିକର ଉତ୍ତମ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମନ୍ତେ ।

ମଇ ୧୩ ⇨ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରୁଥିବା ଉତ୍ତପ୍ତ ପାଗ ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ମଇ ୧୪ ⇨ ନିଃସ୍ୱାର୍ଥପର ଭାବରେ ନିଜ ନିଜ ପିଲାମାନଙ୍କୁ ପ୍ରତିପାଳନ ଓ ବୃଦ୍ଧି କରୁଥିବା ମା' ମାନଙ୍କ ନିମନ୍ତେ ।

ମଇ ୧୫ ⇨ ଦୀର୍ଘ ଦିନ ଧରି ଡାକ୍ତରଖାନାରେ ରହୁଥିବା ଓ ଦୀର୍ଘସ୍ଥାୟୀ ରୋଗ ଭୋଗୁଥିବା ସମଗ୍ର ବିଶ୍ୱର ରୋଗୀମାନଙ୍କ ନିମନ୍ତେ ।

ମଇ ୧୬ ⇨ ପୃଥିବୀରେ ତାଙ୍କ ରାଜ୍ୟର ଅଗ୍ରଗତି ନିମନ୍ତେ ନୂତନ ଦର୍ଶନ ଓ ଚାଳନା ପାଇଁ ।

ମଇ ୧୭ ⇨ ଦୁର୍ଗମ ଅଞ୍ଚଳରେ ସୁସମାଚାର ଜଣାଇବା ପାଇଁ ସାହସ ଓ ସୁଯୋଗ ନିମନ୍ତେ ।

ମଇ ୧୮ ⇨ ବିଭିନ୍ନ ସାମର୍ଥ୍ୟରେ ଆମ ସେବାକାର୍ଯ୍ୟର ଅଭିବୃଦ୍ଧି ଓ ସଂପ୍ରସାରଣ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରକୃତରେ, ଆମର ସଂଘର୍ଷଗୁଡ଼ିକ ଏପରି ଭୂମି ଭାବରେ କାର୍ଯ୍ୟ କରିପାରେ ଯେଉଁଥିରେ ଆମର ବିଶ୍ୱାସ ଅଙ୍କୁରିତ ଓ ବୃଦ୍ଧିପ୍ରାପ୍ତ ହୁଏ । ଯାକୁବ ୧:୨–୪ରେ ଆମକୁ ଉତ୍ସାହିତ କରାଯାଇଛି, **"...ତୁମ୍ଭେମାନେ ଯେତେବେଳେ ନାନ ପ୍ରକାର ପରୀକ୍ଷାରେ ପରୀକ୍ଷିତ ହୁଅ, ସେତେବେଳେ ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର, ପରୀକ୍ଷା ସିଦ୍ଧ ବିଶ୍ୱାସ ଯେ ଧୈର୍ଯ୍ୟ ଉତ୍ପନ୍ନ କରେ, ଏହା ତ ଜାଣିଅଛ...।"** ଯେତେବେଳେ ଆମେ ପୁନରୁତ୍ଥାନ ଭରସାର ନିଶ୍ଚୟତା ସହିତ କଷ୍ଟ ସହ୍ୟ କରୁ, ସେତେବେଳେ ଆମ ଭିତରେ ଏପରି ଏକ ଶକ୍ତିକୁ ଉନ୍ମୋଚନ କରୁ, ଯାହା ଆମ ନିକଟରେ ଅଛି ବୋଲି ଆମେ ଆଦୌ ଜାଣି ନ ଥାଉ ।

## ପୁନରୁଦ୍ଧାର–ଆଶା ସମ୍ବନ୍ଧୀୟ ଏକ ବାସ୍ତବ–ଜୀବନ କାହାଣୀ

ଇତିହାସ ଏପରି ବ୍ୟକ୍ତିମାନଙ୍କ କାହାଣୀରେ ପରିପୂର୍ଣ୍ଣ ଅଟେ ଯେଉଁମାନେ ବହୁଳ କ୍ଷତି ମଧ୍ୟରେ ନୂତନୀକୃତ ଆଶା ପ୍ରାପ୍ତ ହୋଇଥିଲେ । ଏହିପରି ଗୋଟିଏ କାହାଣୀ ହୋରାସିଓ ସ୍ପାଫୋର୍ଡଙ୍କ ସମ୍ବନ୍ଧୀୟ ଅଟେ, ଯିଏ ଅକଳ୍ପନୀୟ ଦୁଃଖ ସହ୍ୟ କରିଥିଲେ । ୧୮୭୩ରେ, ସେ ଗୋଟିଏ ଦୁଃଖଦ ଜାହାଜ ଦୁର୍ଘଟଣାରେ ନିଜର ଚାରିଜଣ କନ୍ୟାଙ୍କୁ ହରାଇଥିଲେ । ତାଙ୍କ ଦୁଃଖର ଗଭୀରତା ଅବର୍ଣ୍ଣନୀୟ ଅଟେ । ତଥାପି, ନିଜ ଦୁଃଖ ମଧ୍ୟରେ ସୁଦ୍ଧା, ସେ ଖ୍ରୀଷ୍ଟଙ୍କଠାରେ ଥିବା ତାଙ୍କର ବିଶ୍ୱାସକୁ ଧରି ରଖିଥିଲେ ।

ସ୍ପାଫୋର୍ଡ଼ ନିଜର ଦୁଃଖଗ୍ରସ୍ତା ସ୍ତ୍ରୀଙ୍କ ସହିତ ପୁନର୍ମିଳିତ ହେବା ପାଇଁ ଜଳଯାତ୍ରା କରୁଥିବା ସମୟରେ ଠିକ୍ ସେହି ସ୍ଥାନକୁ ଅତିକ୍ରମ କରିଥିଲେ ଯେଉଁଠାରେ ତାଙ୍କର କନ୍ୟାମାନେ ବୁଡ଼ି ଯାଇଥିଲେ । ସେଠାରେ, ନିଜ ଦୁଃଖ ମଧ୍ୟରେ, ସେ "ମୋ' ପ୍ରାଣ ସୁସ୍ଥ ରହୁ" – ନାମକ ପ୍ରିୟ ସ୍ତୁତି ଗୀତ ଲେଖିଥିଲେ ।

ଗଭୀର କ୍ଷତି ପ୍ରତି ସ୍ପାଫୋର୍ଡଙ୍କ ପ୍ରତିକ୍ରିୟା ଇମ୍ମାୟୁକୁ ଶିଷ୍ୟମାନଙ୍କର ଯାତ୍ରାକୁ ପ୍ରତିବିମ୍ବିତ କରେ । ଯଦିଓ ତାଙ୍କର ହୃଦୟ ଖଣ୍ଡ ବିଖଣ୍ଡିତ ହୋଇଥିଲା, ତଥାପି ତାଙ୍କର ବିଶ୍ୱାସ ଭଗ୍ନ ହୋଇ ନ ଥିଲା । ସେ ଏହା ବୁଝିଥିଲେ ଯେ ଦୁଃଖ ଅବଶ୍ୟମ୍ଭାବୀ ହେଲେ ମଧ୍ୟ, ଏହା ଅନ୍ତିମ ଶବ୍ଦ ନୁହେଁ । ଶିଷ୍ୟମାନେ ଯେପରି ଯୀଶୁ ରୋଟୀ ଭାଙ୍ଗିଲେ, ସେତେବେଳେ ଶିଷ୍ୟମାନେ ଯୀଶୁଙ୍କୁ ଚିହ୍ନିଥିଲେ । ସେହିପରି ସ୍ପାଫୋର୍ଡ ନିଜର ଅତି ଅନ୍ଧକାର ସମୟ ମଧ୍ୟରେ ସୁଦ୍ଧା ପୁନରୁତ୍ଥିତ ଖ୍ରୀଷ୍ଟଙ୍କଠାରୁ ମିଳୁଥିବା ଶାନ୍ତି ଓ ପୁନରୁଦ୍ଧାରର ଅନୁଭୂତି ପାଇଥିଲେ ।

## ତାଙ୍କ ବିଜୟର ଆଲୋକରେ ବଞ୍ଚିବା

ପୁନରୁତ୍ଥାନ କେବଳ ମୃତ୍ୟୁ ଉପରେ ଏକ ବିଜୟ ନୁହେଁ – ଏହା ଆମ ଜୀବନକୁ ପୁନଃଦାବୀ କରିବା ପାଇଁ ଏକ ଆମନ୍ତ୍ରଣ ଅଟେ । ରୋମୀୟ ୮:୩୭ ଘୋଷଣା କରିଛି, **"... ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟବୁ ।"** ଏହା ପୁନରୁତ୍ଥାନ ଆଶାର ପରିବର୍ତ୍ତନକାରୀ ଶକ୍ତି ଅଟେ । ଏହା ଜୀବନର ଆହ୍ୱାନ ଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଆମକୁ ଶକ୍ତିଯୁକ୍ତ କରେ ଓ ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଆମର ସଂଜ୍ଞା ଆମର ସଂଘର୍ଷ ଦ୍ୱାରା ନୁହେଁ ମାତ୍ର ଖ୍ରୀଷ୍ଟଙ୍କ ପ୍ରେମ ଓ ବିଜୟ ଦ୍ୱାରା ନିର୍ଣ୍ଣୀତ ହୁଏ ।

ଏହି ଆଲୋକରେ ବଞ୍ଚିବାର ଅର୍ଥ ହେଉଛି ପ୍ରତ୍ୟେକ କ୍ଳେଶ ପଛରେ ଯେ ଏକ ଉଦ୍ଦେଶ୍ୟ ଅଛି ଓ ପ୍ରତ୍ୟେକ ଦୁଃଖରୁ ଯେ ଉଦ୍ଧାର ମିଳିପାରିବ – ଏହା ବିଶ୍ୱାସ କରିବା । ଏହା ଆମକୁ ସାହସରେ ଚାଲିବା ପାଇଁ ଅନୁଗ୍ରହକୁ ସଂପ୍ରସାରିତ କରିବା ପାଇଁ ଓ ଯେଉଁ ଶକ୍ତି ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ କରିଥିଲା, ତାହା ଯେ ଆମ ଭିତରେ ବାସ କରେ ଏହି ସତ୍ୟକୁ ଗ୍ରହଣ କରିବା ପାଇଁ ଆହ୍ୱାନ କରେ । ଏହାର ଅର୍ଥ ହେଉଛି, ସେହି ଆଶା ଯେତେ ଦୁର୍ବଳ ହେଲେ ମଧ୍ୟ ତାହା ଯେ ପୁନରୁଦ୍ଧାରପ୍ରାପ୍ତ ଓ ନୂତନୀକୃତ ହୋଇପାରିବ – ଏହାର ଜୀବନ୍ତ ସାକ୍ଷୀ ହେବା ପାଇଁ ଆମ ଜୀବନକୁ ଅନୁମତି ଦେବା ।

## ନୂତନୀକୃତ ଆଶା ପ୍ରତି ଆହ୍ୱାନ

ଇମ୍ମାୟୁ ସମ୍ବନ୍ଧୀୟ କାହାଣୀ କେବଳ ଏକ ଐତିହାସିକ ଘଟଣା ନୁହେଁ – ଏହା ଆମ ପ୍ରତ୍ୟେକଙ୍କ ପ୍ରତି ଏକ ବ୍ୟକ୍ତିଗତ ଆମନ୍ତ୍ରଣ ଅଟେ । ଏହା ଆମକୁ ସ୍ମରଣ କରାଇ ଦିଏ ଯେ ସନ୍ଦେହ ଓ ବିଷାଦର ସମୟରେ ସୁଦ୍ଧା ଯୀଶୁ ଆମ ପାଖେ ପାଖେ ଚାଲନ୍ତି । ତାଙ୍କର କୋମଳ ଉପସ୍ଥିତି ଆମକୁ ଏହି ଭରସା ଦିଏ ଯେ କ୍ରୁଶ ସମାପ୍ତି ନ ଥିଲା ଓ ଆମର ବର୍ତ୍ତମାନର ସଂଘର୍ଷ ମଧ୍ୟ ସମାପ୍ତି ନୁହେଁ ।

## ତେବେ ମୁଁ ଆପଣଙ୍କୁ ପଚାରୁଛି :

ଆପଣ ଆଜି କେଉଁ ଭାର ବହନ କରୁଛନ୍ତି ? ଆପଣଙ୍କ ଆହ୍ୱାନଗୁଡ଼ିକ ମଧ୍ୟରେ ଆପଣଙ୍କ ସହିତ ଚାଲିବା ପାଇଁ ଆପଣ ଯୀଶୁଙ୍କୁ ଆମନ୍ତ୍ରଣ କରିଛନ୍ତି କି ?

ଆପଣ ଆପଣଙ୍କର ବିଶ୍ୱାସକୁ ସୁଗଠିତ କରିବା ପାଇଁ ଆପଣଙ୍କର ଆବେଗଗୁଡ଼ିକୁ ଅନୁମତି ଦେଇଛନ୍ତି, କିମ୍ବା ଆପଣ ଈଶ୍ୱରଙ୍କ ବାକ୍ୟର ଅପରିବର୍ତ୍ତନୀୟ ସତ୍ୟତା ଉପରେ ଦୃଢ଼ ଭାବରେ ଠିଆ ହୋଇଛନ୍ତି ?

ଏହି ଇଷ୍ଟର, ଆପଣ ସନ୍ଦେହରୁ ବିଶ୍ୱାସ ଦିଗକୁ, ନୈରାଶ୍ୟରୁ ଆଶା ଦିଗକୁ ଗତି କରିବା ମନୋନୀତ କରିବେ କି ?

ଯଦି ଆପଣ ଆଲୋକକୁ ଦେଖିବା ପାଇଁ ସଂଘର୍ଷ କରୁଛନ୍ତି, ତେବେ ବର୍ତ୍ତମାନ ପ୍ରାର୍ଥନା କରିବା ପାଇଁ ଗୋଟିଏ ମୁହୂର୍ତ୍ତ ସମୟ ନିଅନ୍ତୁ । ଠିକ୍ ଯେପରି ଯୀଶୁ ଶିଷ୍ୟମାନଙ୍କ ସହିତ ଚାଲିଥିଲେ, ସେହିପରି ଆପଣଙ୍କ କଷ୍ଟ ମଧ୍ୟକୁ ଆସିବା ପାଇଁ ଯୀଶୁଙ୍କୁ ନିମନ୍ତ୍ରଣ କରନ୍ତୁ । ଆପଣଙ୍କ ବାଇବଲ ଖୋଲନ୍ତୁ ଓ ଯୋହନ ୧୧:୨୫–୨୬ ଓ ୧ କରିନ୍ଥୀୟ ୧୫:୨୦–୨୨ ଭଳି ଅନୁଚ୍ଛେଦଗୁଡ଼ିକ ଉପରେ ଚିନ୍ତା କରନ୍ତୁ । ଏହି ବାକ୍ୟଗୁଡ଼ିକ ଆପଣଙ୍କୁ ଏହି ଭରସା ଦେଉ ଯେ ସେ ପୁନରୁତ୍ଥାନ ଓ ଜୀବନ ଅଟନ୍ତି । ଆପଣଙ୍କର ଦୁଃଖ ଯେତେ ଗଭୀର ହେଲେ ମଧ୍ୟ, ତାଙ୍କର ଆନନ୍ଦ ସର୍ବଦା ବିଦ୍ୟମାନ ଥାଏ ଓ ତାଙ୍କର ପ୍ରେମ ଶେଷ ହୁଏ ନାହିଁ ।

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ECHO OF HIS CALL 1969-2019 GOLDEN JUBILEE
REACHING NATIONS
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ONLINE CLASSES ARE AVAILABLE ★

## ପୁନରୁତ୍ଥାନ ଦ୍ୱାରା ପରିବର୍ତ୍ତିତ ହୋଇଥିବା ଜୀବନକୁ ଗ୍ରହଣ କରିବା ।

ପୁନରୁତ୍ଥାନ – ଆଶା ସହିତ ଜୀବନ କାଟିବା କେବଳ ଏକ ଭବିଷ୍ୟତ୍ ପ୍ରତିଜ୍ଞାରେ ବିଶ୍ୱାସ କରିବା ନୁହେଁ – ଏହା ଆପଣଙ୍କ ଦୈନନ୍ଦିନ ଜୀବନକୁ ସୁଗଠିତ କରିବା ପାଇଁ ଓ ପରିବର୍ତ୍ତନ କରିବା ପାଇଁ ସେହି ଆଶାକୁ ଅନୁମତି ଦେବା ସମ୍ବନ୍ଧୀୟ ଅଟେ । ଏହାର ଅର୍ଥ ହେଉଛି ସମ୍ମୁଖସ୍ଥ ପଥ ଅସ୍ପଷ୍ଟ ହେଲେ ମଧ୍ୟ ବିଶ୍ୱାସରେ ପଦକ୍ଷେପ ନେବା ଓ ଗଭୀର କ୍ଷତ ସତ୍ତ୍ୱେ, କ୍ଷମାକୁ ମନୋନୀତ କରିବା ଓ ଅସମ୍ଭବ ମନେ ହେବା ସମୟରେ ସୁଦ୍ଧା ପ୍ରେମ କରିବା । ରୋମୀୟ ୧୨:୨ରେ ପାଉଲ ଆମକୁ ସ୍ମରଣ କରାଇ ଦେଇଛନ୍ତି, **‘‘ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, ... ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।’’** ଏହି ନୂତନୀକରଣ ସେତେବେଳେ ଆରମ୍ଭ ହୁଏ ଯେତେବେଳେ ଆମେ ଏହା ଚିହ୍ନୁ ଯେ ଯେଉଁ ଶକ୍ତି ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା, ତାହା ଏ ପର୍ଯ୍ୟନ୍ତ ଆମ ମଧ୍ୟରେ କାର୍ଯ୍ୟ କରୁଅଛି ଓ ଆମ ହୃଦୟକୁ ପରିବର୍ତ୍ତନ କରୁଅଛି, ଆମର ଆତ୍ମାକୁ ଶକ୍ତିଯୁକ୍ତ ଓ ଜୀବନ ଉପରେ ଆମର ଦୃଷ୍ଟିକୋଣକୁ ମାର୍ଜିତ କରୁଅଛି ।

ଯଦି ଆପଣ ପ୍ରକୃତରେ ବିଶ୍ୱାସ କରିବେ ଯେ ପ୍ରତ୍ୟେକ କଷ୍ଟ କ୍ଷଣସ୍ଥାୟୀ ଅଟେ, ପ୍ରତ୍ୟେକ ବିଫଳତା ଅଭିବୃଦ୍ଧି ପାଇଁ ଏକ ସୁଯୋଗ ଅଟେ ଓ ପ୍ରତ୍ୟେକ ଅଶ୍ରୁ ଅନନ୍ତ ଆନନ୍ଦ ଦିଗକୁ ଏକ ପାହାଚ ଅଟେ, ତେବେ ଆପଣ କେତେ ଭିନ୍ନ ଭାବରେ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବେ, ତାହା କଳ୍ପନା କରନ୍ତୁ । ଏହା ପୁନରୁତ୍ଥାନ – ଆଶାର ଶକ୍ତି ଅଟେ – ଏହା ଆମକୁ ଏପରି ଏକ ସାହସରେ ପରିପୂର୍ଣ୍ଣ କରେ ଯାହା କେବଳ ଖ୍ରୀଷ୍ଟଙ୍କୁ ଜାଣିବା ଦ୍ୱାରା ଆସେ ।

## ପୁନରୁତ୍ଥାନ – ଆଶାକୁ ଧରି ରଖିବା ପାଇଁ ବ୍ୟାବହାରିକ ପଦକ୍ଷେପ

ଆମେ ଇଷ୍ଟର ଓ ନୂତନ ଜୀବନର ପ୍ରତିଜ୍ଞାରେ ଆନନ୍ଦ କରୁଥିବା ସମୟରେ, ଏଠାରେ ଆପଣ ଦୈନନ୍ଦିନ ଆଚରଣରେ ପୁନରୁତ୍ଥାନ ଆଶାକୁ ବିକଶିତ କରିବା ପାଇଁ ଅଳ୍ପ କେତେକ ଉପାୟ ପ୍ରଦତ୍ତ ଅଛି :

### ୧. ଧର୍ମଶାସ୍ତ୍ରରେ ନିଜକୁ ନିମଜ୍ଜିତ କରନ୍ତୁ ।

ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ପଠନ ଓ ଅନୁଚିନ୍ତନ ନିମନ୍ତେ କିଛି ସମୟ ଉତ୍ସର୍ଗ କରନ୍ତୁ । ରୋମୀୟ ୬:୪, ଯୋହନ ୧୧:୨୫–୨୬ ଓ ୧ ପିତର ୧:୩ ଭଳି ପଦଗୁଡ଼ିକ ତାଙ୍କ ପ୍ରତିଜ୍ଞାରେ ଆପଣଙ୍କ ପ୍ରାଣକୁ ସଂଯୁକ୍ତ କରୁ ।

### ୨. ପ୍ରାର୍ଥନା ପ୍ରତି ସମର୍ପିତ ହୁଅନ୍ତୁ ।

ଈଶ୍ୱରଙ୍କ ସହିତ ସଚ୍ଚୋଟ, ହୃଦୟସ୍ପର୍ଶୀ ବାର୍ତ୍ତାଳାପରେ ନିୟୋଜିତ ହୁଅନ୍ତୁ । ତାଙ୍କ ସମ୍ମୁଖରେ ଆପଣଙ୍କର ଭାରଗୁଡ଼ିକ ରଖନ୍ତୁ ଓ ଆପଣ ଆଦୌ ଏକାକୀ ନୁହଁନ୍ତି ବୋଲି ଭରସା ଦେଉଥିବା ତାଙ୍କ ସ୍ୱର ଶୁଣନ୍ତୁ ।

### ୩. ଏକ ବିଶ୍ୱାସୀ ସମାଜରେ ଯୋଗ ଦିଅନ୍ତୁ ।

ନିଜକୁ ଏପରି ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ କରନ୍ତୁ ଯେଉଁମାନେ ଆପଣଙ୍କ ବିଶ୍ୱାସ ଓ ଆଶା ସହିତ ସହଭାଗୀ ଅଟନ୍ତି । ସହଭାଗିତାରେ, ଆପଣଙ୍କ ଆତ୍ମା ଶକ୍ତିଯୁକ୍ତ ହୁଏ ଓ ଆପଣ ନିଜ ଜୀବନରେ ଈଶ୍ୱରଙ୍କର ପରିବର୍ତ୍ତନକାରୀ କାର୍ଯ୍ୟ ସମ୍ବନ୍ଧରେ ସାକ୍ଷ୍ୟ ସବୁ ଆଦାନ ପ୍ରଦାନ କରୁଥିବା ସମୟରେ ଆପଣଙ୍କ ବିଶ୍ୱାସ ଗଭୀରତର ହୁଏ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


# VERY URGENT NOTICE!




There may be some unavoidable difficulty in dispatching **Echo of His Call** by post in the very near future. Therefore, if you are really interested to receive **Echo of His Call** continuously, please send us your names, addresses, E.mail addresses and WhatsApp numbers through letters, E.mails, phone calls, WhatsApp or SMS messages immediately.

Please help us to serve you continuously.

**Our address:**

**ECHO OF HIS CALL,**
10, Mohammed Abdullah 2[nd] Street,
Chepauk, Chennai-600 005, India
Cell: (+91) 98412 71858 / 98410 71858
E.mail: sam@echoofhiscall.org



# URGENT NEED

**Teachers for**

**ST. PAUL'S MATRICULATION SCHOOL,**
**An *Echo of His Call* Institution**
**Vijayanagaram, Medavakkam, Chennai - 100.**

We need well qualified, experienced, dedicated, hard working and mission oriented Christians.
Apply with Bio-data to
E.mail: sam@echoofhiscall.org
WhatsApp: (+91) 98412 71858


## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ସେ ପ୍ରାନ୍ତରକୁ ଜଳାଶୟ ଓ ଶୁଷ୍କ ଭୂମିକୁ ଝରମୟ କରନ୍ତି" (ଗୀତସଂହିତା ୧୦୭:୩୫) ।**

୧୯୮୯ରେ, ଆମେ ଗୋଟିଏ ଭଡ଼ା ଘରେ ରହୁଥିଲୁ ଓ ସେଠାରେ ଆମର ମଣ୍ଡଳୀ ଉପାସନା ଚଳାଉଥିଲୁ । ଏହା ସହିତ, ଆମର ପ୍ରାର୍ଥନା ଓ ପରାମର୍ଶଦାନ କେନ୍ଦ୍ର ସି.ଏନ୍.କେ.ରୋଡ୍ ସ୍ଥିତ ଏକ ଭଡ଼ା ଘରେ ପରିଚାଳିତ ହେଉଥିଲା । କିନ୍ତୁ, ଉଭୟ ଘରର ମାଲିକମାନେ ଅନପେକ୍ଷିତ ଭାବରେ ସେମାନଙ୍କ ଘର ଶୀଘ୍ର ଖାଲି କରିବା ପାଇଁ ଆମକୁ ଆଦେଶ ଦେଇଥିଲେ ।

ସେହି ସମୟରେ, ମୁଁ ଓ ମୋର ସ୍ତ୍ରୀ ସରକାରୀ କର୍ମଚାରୀ ଥିଲୁ । ଆମର ସ୍ଥିର ନିଯୁକ୍ତି ସତ୍ତ୍ୱେ, ଆମ ନିକଟରେ ଯଥେଷ୍ଟ ଅର୍ଥ ଓ ମାନବିକ ସମ୍ବଳର ଅଭାବ ଥିଲା କାରଣ ଆମ ଆୟର ଅଧିକାଂଶ ଭାଗ ପ୍ରଭୁଙ୍କର ବିଭିନ୍ନ ସେବାକାର୍ଯ୍ୟ ପ୍ରତି ଉତ୍ସର୍ଗୀକୃତ ଥିଲା । ଆମର ଗୃହ, ମଣ୍ଡଳୀ, ଓ **ଆହ୍ୱାନର ପ୍ରତିଧ୍ୱନି** ସେବାକାର୍ଯ୍ୟର କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଆମ ନିକଟରେ ଅର୍ଥ ନ ଥିଲା । ଅଧିକନ୍ତୁ, ଘର ମାଲିକମାନଙ୍କୁ ଆମ ପକ୍ଷରୁ ନିବେଦନ କରିବା ପାଇଁ କେହି ନ ଥିଲେ । ଆମର ଦୁଇ ଜଣ ଛୋଟ ପିଲା ମଧ୍ୟ ଏହି କଷ୍ଟକର ପରିସ୍ଥିତିରେ ଆମ ସହିତ ଦୁଃଖ ଭୋଗୁଥିଲେ ।

ଦିନେ ସକାଳେ, ଗୋଟିଏ ସମାଧାନ ପାଇଁ ବ୍ୟାକୁଳ ହୋଇ, ମୁଁ ଆମର ଗୃହ, ମଣ୍ଡଳୀ ଓ କାର୍ଯ୍ୟାଳୟ ନିମନ୍ତେ ଏକ ନୂତନ ସ୍ଥାନ ଅନ୍ୱେଷଣରେ ପ୍ରାୟ ଦୁଇ ଘଣ୍ଟା ଧରି ଚେପକ୍ ରାସ୍ତାରେ ଚାଲିବାରେ ଲାଗିଲି । ପ୍ରତ୍ୟେକ ପଦକ୍ଷେପରେ, ମୁଁ ଈଶ୍ୱରଙ୍କ ଯୋଗାଣରେ ବିଶ୍ୱାସ କରି ତାଙ୍କୁ ପ୍ରଶଂସା କରୁଥିଲି ।

ପଥ ମଧ୍ୟରେ, ମୁଁ ଦୁଇ ଜଣ ଗୃହ ଏଜେଣ୍ଟଙ୍କୁ ଭେଟି ଆମର ଜରୁରୀ ଆବଶ୍ୟକତା ବିଷୟରେ ଜଣାଇଲି । ସେମାନେ ତୀକ୍ଷ୍ଣ ଭାବରେ ଉତ୍ତର ଦେଲେ, "ଏହି ଅଞ୍ଚଳରେ  କେହି ଆପଣମାନଙ୍କୁ ଭଡ଼ା ଦେବେ ନାହିଁ । ଆପଣମାନେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରନ୍ତି, "ହାଲିଲ୍ଲୁୟା" କହି ଚିତ୍କାର କରନ୍ତି ଓ ରାତିରେ ବାଦ୍ୟ ଯନ୍ତ୍ର ବଜାଇ ଗୀତ ଗାଆନ୍ତି । ଏଥି ଯୋଗୁ ଆମର ଦେବାଦେବୀମାନେ କ୍ରୋଧାନ୍ୱିତ ହୁଅନ୍ତି ଓ ସେମାନଙ୍କର ଶକ୍ତି ଦୁର୍ବଳ ହୋଇଯାଏ । ଏହା ଫଳରେ ଆମେ ଦୁଃଖ ଭୋଗ କରୁ ।"

ସାହସ ନ ହରାଇ, ମୁଁ ଧୈର୍ଯ୍ୟ ଓ ଆଶାର ସହିତ ଚାଲିବାରେ ଲାଗିଥିଲି । ଏହାପରେ, ମୁଁ ଜଣେ ରୋମାନ୍ କ୍ୟାଥୋଲିକ୍ ଭାଇଙ୍କର ସାକ୍ଷାତ୍ ପାଇଲି ଓ ମୋର ଦୁଃଖ ତାଙ୍କୁ ଜଣାଇଲି । ସେ ସବୁ ଶୁଣି କହିଲେ,

ଭାଇ, ଗୋଟିଏ ପୁରୁଣା ଘର ଅଛି । କିନ୍ତୁ ସେଠାରେ ଭୂତ ରହୁଛି ବୋଲି ଲୋକମାନେ ବିଶ୍ୱାସ କରୁଥିବାରୁ, ସେଠାରେ କେହି ରହିବାକୁ ଚାହୁଁ ନାହାନ୍ତି । ସେଠାରେ ପୂର୍ବରୁ ରହୁଥିବା ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ ଓ ସେଠାରେ ମନ୍ଦଆତ୍ମାଗୁଡ଼ିକ ଅଛନ୍ତି ବୋଲି ଲୋକମାନେ ଭୟ କରୁଛନ୍ତି । ମାତ୍ର ଆପଣ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇଥିବାରୁ ଓ ଏହିପରି ଆତ୍ମାଗୁଡ଼ିକୁ ବିତାଡ଼ିତ କରିବା ପାଇଁ ଆପଣଙ୍କ ନିକଟରେ ଶକ୍ତି ଥିବାରୁ ଆପଣ ଅତି କମ୍ ମୂଲ୍ୟରେ ସେହି ଘର ନେଇ ପାରିବେ ।"

ତାଙ୍କ କଥା ମୋତେ ଶାନ୍ତି ଓ ଆଶା ଦେଇଥିଲା । କିନ୍ତୁ ଗୋଟିଏ ବଡ଼ ପ୍ରତିବନ୍ଧକ ଥିଲା – ଭଡ଼ା ପାଇଁ ଅଗ୍ରୀମ ଦେବା ନିମନ୍ତେ ମୋ' ପାଖରେ ୫୦ ଟଙ୍କା ମଧ୍ୟ ନ ଥିଲା ।

ମୁଁ ଗୃହକୁ ଫେରିଗଲି, ଆଣ୍ଠୁଭାଙ୍ଗି ବସିଲି ଓ ଉଦ୍‌ଯୋଗର ସହିତ ଆମ ସ୍ୱର୍ଗୀୟ ପିତାଙ୍କ ନିକଟରେ ପ୍ରାର୍ଥନା କରିଥିଲି । ଈଶ୍ୱର ଏକ ଅବିଶ୍ୱସନୀୟ ମାର୍ଗରେ ଏକ ମହାଶ୍ଚର୍ଯ୍ୟ କର୍ମ କରିଥିଲେ ।

ପରବର୍ତ୍ତୀ ଦିନ, ମୁଁ ଦୈନିକ ସମ୍ବାଦପତ୍ରରେ ଗୋଟିଏ ବିଜ୍ଞାପନ ଦେଖିଲି, ସେଠାରେ ଲେଖାଥିଲା –

**"ସରକାରଙ୍କ ସହିତ ମିଶି ହାଉସିଂ ଡେଭେଲୋପ୍‌ମେଣ୍ଟ ଫାଇନାନ୍‌ସିଆଲ୍ କର୍ପୋରେସନ"** ସ୍ଥାୟୀ ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କ ନିଜ ନିଜର ଗୃହ କ୍ରୟ କରିବା ନିମନ୍ତେ ଅଗ୍ରୀମ ଅର୍ଥ ପ୍ରଦାନ କରିବାର ଏକ ଯୋଜନା ଆରମ୍ଭ କରିଛନ୍ତି । ପ୍ରଥମେ ଆସୁଥିବା ଲୋକଙ୍କୁ ପ୍ରଥମ ସୁଯୋଗ ଯୋଗାଇ ଦିଆଯିବ ।"

ବିନା ଦ୍ୱିଧାରେ, ମୁଁ ମୋର କାର୍ଯ୍ୟାଳୟକୁ ଯାଇ ସଙ୍ଗେ ସଙ୍ଗେ ଆବେଦନ କରିଥିଲି । ସ୍ୱାଭାବିକ ଭାବରେ, ଏହିପରି ଏକ ଅଗ୍ରୀମକୁ ମଞ୍ଜୁରୀ ଦେବା ପାଇଁ ପ୍ରାୟ ପାଞ୍ଚ ବର୍ଷ ସମୟ ଲାଗେ । କିନ୍ତୁ, ଈଶ୍ୱରଙ୍କ ଅନୁଗ୍ରହରୁ, ମୁଁ ଅତି କମ୍ ସମୟ ଭିତରେ ଆବଶ୍ୟକୀୟ ଅର୍ଥ ପାଇଗଲି । ଆଶ୍ଚର୍ଯ୍ୟର ବିଷୟ, ମୁଁ ଅର୍ଥ ପାଇବା ପରେ ପରେ ସେହି ଯୋଜନାକୁ ବନ୍ଦ କରି ଦିଆଗଲା ।

ସେହି ଅର୍ଥରେ, ଆମେ ଗୋଟିଏ ପୁରୁଣା ଗୃହ ସହିତ ଖଣ୍ଡେ ଜାଗା କିଣିଲୁ ଓ ତାହା ଆମ ନୂତନ ବାସ ଗୃହରେ ପରିଣତ ହେଲା । ଆମେ ଆମର ଗୃହ, ମଣ୍ଡଳୀ ଓ କାର୍ଯ୍ୟାଳୟକୁ ସେହି ସ୍ଥାନକୁ ସ୍ଥାନାନ୍ତର କରିଥିଲୁ । ଆମ ଭୟର ବିପରୀତରେ, ଆମେ କୌଣସି ମନ୍ଦ ଶକ୍ତି ଚିହ୍ନ ଦେଖିଲୁ ନାହିଁ । ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବରେ ଆମକୁ ତାହା ଯୋଗାଇଥିଲେ – ଆମର ମଣ୍ଡଳୀ ଗୃହ ତଳ ମହଲାରେ, ଆମର ବାସଗୃହ ପ୍ରଥମ ଓ ଆମର କାର୍ଯ୍ୟାଳୟ ଦ୍ୱିତୀୟ ମହଲାରେ ସ୍ଥାପିତ ହୋଇଥିଲା ।

କିଛି ବର୍ଷ ପରେ, ଈଶ୍ୱର ଆମର ପୁରୁଣା ଗୃହକୁ ଭାଙ୍ଗି ଗୋଟିଏ ନୂତନ ଗୃହ ନିର୍ମାଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିଲେ । ଆଜି ଆମର ଛାପାଖାନା, ଉପାସନା ଗୃହ, କାର୍ଯ୍ୟାଳୟ ଓ ବାସଗୃହ ସବୁକିଛି ଏହି ନୂତନ ପରିସର ମଧ୍ୟରେ ରହିଅଛି ।

ଯେତେବେଳେ ମୁଁ ୧୯୯୪ରେ ସରକାରୀ କାର୍ଯ୍ୟରୁ ଅବସର ନେଲି, ସେତେବେଳେ ଈଶ୍ୱର ସମଗ୍ର ଋଣ ପରିଶୋଧ କରିବାରେ ମୋତେ ସାହାଯ୍ୟ କରିଥିଲେ । ବର୍ତ୍ତମାନ, ମୁଁ ଆନନ୍ଦର ସହିତ ପ୍ରଭୁଙ୍କର ସେବା କରୁଅଛି ।

**"ଆହେ ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ"** (ଗୀତସଂହିତା ୩୪:୮) ।

************

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ୪. ଆପଣଙ୍କ ବିଶ୍ୱାସକୁ ପ୍ରଦର୍ଶନ କରନ୍ତୁ

ପୁନରୁତ୍ଥାନର ଆଶା ଆପଣଙ୍କ ଦୈନିକ କାର୍ଯ୍ୟକୁ ସୁଗଠିତ କରୁ ।

କୌଣସି ବ୍ୟକ୍ତିଙ୍କୁ କ୍ଷମା ଦେବା ହେଉ କିମ୍ବା ଅଭାବରେ ଥିବା କୌଣସି ବ୍ୟକ୍ତିଙ୍କୁ ଦୟା ଦେଖାଇବା ହେଉ, କିମ୍ବା ଅନିଶ୍ଚିତତା ସତ୍ତ୍ୱେ, ବିଶ୍ୱାସରେ ପଦକ୍ଷେପ ନେବା ହେଉ, ଆପଣଙ୍କ ଜୀବନ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଶକ୍ତି ପ୍ରତି ଏକ ସାକ୍ଷ୍ୟ ହେଉ ।

## ଶେଷ ଉତ୍ସାହବାଣୀ

ଏହି ଇଷ୍ଟରରେ, ଆପଣ ଦୁଃଖରୁ ଆନନ୍ଦର, ସନ୍ଦେହରୁ ଅଟଳ ବିଶ୍ୱାସ ଓ ବିଷାଦରୁ ଏକ ଶେଷ ହେଉ ନ ଥିବା ଆଶା ସମ୍ବନ୍ଧରେ ଏକ ଗଭୀର ପରିବର୍ତ୍ତନର ଅନୁଭୂତି ପାଆନ୍ତୁ । ଯୀଶୁଙ୍କ ପୁନରୁତ୍ଥାନ କେବଳ ଏକ ଐତିହାସିକ ଘଟଣା ନୁହେଁ, ଏହା ଆମ ବିଶ୍ୱାସର ସେହି ମୂଳଦୁଆ ଓ ଘୋଷଣା ଅଟେ ଯେ ରାତ୍ରି ଯେତେ ଅନ୍ଧକାର ହେଲେ ମଧ୍ୟ ତାଙ୍କ ଆଲୋକର ପ୍ରତ୍ୟୁଷ ଚିରଦିନ ପ୍ରକାଶିତ ହେବ ।

ଆପଣ ଏହି ଅନୁଚିନ୍ତାନର ସମୟକୁ ପରିତ୍ୟାଗ କରୁଥିବା ସମୟରେ, ନିଜ ସହିତ ଏହି ଭରସା ବହନ କରି ଯାଆନ୍ତୁ ଯେ ଯୀଶୁ ଆପଣଙ୍କ ଯାତ୍ରାର ପ୍ରତି ପଦକ୍ଷେପରେ ଆପଣଙ୍କ ପାଖେ ପାଖେ ଚାଲୁଥାନ୍ତି । ସେ ଆପଣଙ୍କ ଭାରକୁ ପରିତ୍ୟାଗ କରି ତାଙ୍କ ପ୍ରେମ ଓ ବିଜୟ ଦ୍ୱାରା ଏକ ନୂତନୀକୃତ ଜୀବନକୁ ଗ୍ରହଣ କରିବା ପାଇଁ ଆପଣଙ୍କୁ ଆହ୍ୱାନ କରୁଛନ୍ତି । ଆପଣଙ୍କ ହୃଦୟ ତାଙ୍କ ବାକ୍ୟ ପ୍ରତି ଉନ୍ମୁକ୍ତ ରହୁ ଓ ଆପଣ ସାହସର ସହିତ ପ୍ରତ୍ୟେକଟି ଦିନର ସମ୍ମୁଖୀନ ହେବା ପାଇଁ ଶକ୍ତି ପାଆନ୍ତୁ ଓ ଏହା ଜାଣନ୍ତୁ ଯେ ଆପଣ ତାଙ୍କ ଦ୍ୱାରା ସର୍ବୋତଭାବେ ବିଜୟୀ ଅଟନ୍ତି ।

୨ କରିନ୍ଥୀୟ ୫:୧୭ ପଦଟି ଆପଣଙ୍କ ଭିତରେ ପ୍ରତିଧ୍ୱନିତ ହେଉ :

**"ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟ ସବୁ ହୋଇଅଛି ।"**

ଇଷ୍ଟର ପ୍ରଦାନ କରୁଥିବା ଏହି ନୂତନ ଜୀବନକୁ ଗ୍ରହଣ କରନ୍ତୁ । ପୁନରୁତ୍ଥାନର ଆଶା ଆପଣଙ୍କ ଚିନ୍ତାକୁ ଆଲୋକିତ କରୁ, ଆପଣଙ୍କ କାର୍ଯ୍ୟକୁ ପ୍ରେରଣା ଦେଉ ଓ କେବଳ ଖ୍ରୀଷ୍ଟ ଯୋଗାଇପାରୁଥିବା ଏକ ଅବିଚଳିତ ଆନନ୍ଦରେ ଆପଣଙ୍କ ଦିନଗୁଡ଼ିକ ପରିପୂର୍ଣ୍ଣ ହେଉ । ଆପଣ ଜୀବନର ଯେ କୌଣସି ସମୟରେ ଥିଲେ ସୁଦ୍ଧା ଏହା ଜାଣନ୍ତୁ ଯେ ଯୀଶୁ ନିକଟରେ ଅଛନ୍ତି । ଆପଣଙ୍କର ହୃଦୟ ଖୋଲନ୍ତୁ, ତାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରନ୍ତୁ ଓ ସେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଥିବା ନୂତନ ଜୀବନ ମଧ୍ୟକୁ ଅଗ୍ରସର ହୁଅନ୍ତୁ । ଏହି ଭରସାଦାୟକ ବାର୍ତ୍ତା ପୁନରୁତ୍ଥାନ ଶକ୍ତିରେ ରୋପିତ ହେଉ, ଆପଣଙ୍କର ଅନ୍ଧକାର ସମୟ ଗୁଡ଼ିକରେ ଆଲୋକର ଏକ ବାହକ ହେଉ । ଆମେନ୍ ।

************

# ଶ୍ରଦ୍ଧାଞ୍ଜଳି



ପାଷ୍ଟର ସାମସନ୍ ସାମ୍

*ମୋର ପ୍ରିୟ ପ୍ରାଣର ବନ୍ଧୁ, ପାଷ୍ଟର ସାମ୍ ସେଲ୍‌ଭା ରାଜ୍‌ଙ୍କର ଏକମାତ୍ର ପୁତ୍ର, ପାଷ୍ଟର ଆଲେକ୍ସ ସାମ୍‌ସନ୍ ସାମ୍ ଫେବୃୟାରୀ ୧୩, ୨୦୨୫ରେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିଥିଲେ । ଯଦିଓ ସେ ଆଉ ଆମ ମଧ୍ୟରେ ନାହାଁନ୍ତି, ତଥାପି ତାଙ୍କର ଐତିହ୍ୟ ଆମ ହୃଦୟରେ ରହିଯାଇଛି ।*

*ଆମେ ଭାଇ ସାମ୍ ସେଲ୍‌ଭାରାଜ୍ ତାଙ୍କ ପରିବାର ଓ **ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର** ସମଗ୍ର କର୍ମଚାରୀଙ୍କୁ ଆମର ଅତି ଗଭୀର ସମବେଦନା ଜଣାଉ ଅଛୁ ।*

*ପାଷ୍ଟର ଆଲେକ୍ସ ସାମ୍‌ସନ୍ ସାମ୍ ଜଣେ ଦୟାଳୁ, ସମ୍ମାନସ୍ପଦ ଓ ନିର୍ବିରୋଧ ବ୍ୟକ୍ତି ଥିଲେ । ତାଙ୍କର ଉଷ୍ମ ଓ ଅଟଳ ବିଶ୍ୱାସ **"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"** ପ୍ରତି ଅସଂଖ୍ୟ ଯୁବକ ଯୁବତୀଙ୍କୁ ଆକର୍ଷିତ କରିଥିଲା ଓ **"{¾ÉA H¡AjßAj B+Aj{œjÓœjàj"** ତାଙ୍କ ପ୍ରଭାବ ପ୍ରତି ଏକ ସାକ୍ଷୀ ଭାବରେ ଠିଆ ହୋଇଛି ।*

*ସେ ସ୍ୱର୍ଗୀୟ ଆହ୍ୱାନକୁ ସଂପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରି ଜଣେ ପାଷ୍ଟର ଭାବରେ ପ୍ରଭୁଙ୍କ ସେବା ପ୍ରତି ନିଜର ୪୧ ବର୍ଷର ଜୀବନକାଳ ମଧ୍ୟରୁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଉତ୍ସର୍ଗ କରିଥିଲେ ଓ ଆଦୌ ଜାଗତିକ ବିଳାସ ଅନ୍ୱେଷଣ କରି ନ ଥିଲେ । ସେ ଏକ ଉତ୍ସର୍ଗୀକୃତ ହୃଦୟ ସହିତ ନିଜର ସେବାକାର୍ଯ୍ୟ ଚଳାଇଥିଲେ ଓ ଅଭିଯୋଗ ବିନା ଶାରୀରିକ ଦୁଃଖ ସହ୍ୟ କରିଥିଲେ ।*

*ସେ ଜୀବନ ଓ ମରଣ ସମ୍ବନ୍ଧୀୟ ଗଭୀର ସତ୍ୟକୁ ବୁଝିଥିଲେ :*

***"ଯେଉଁ ବ୍ୟକ୍ତି ମୃତ୍ୟୁକୁ ବୁଝେ, ସେ ଏକ ବିଜୟୀ ହୋଇଯାଏ,
ଜଣେ ପ୍ରକୃତ ବିଜୟୀ ଭୟ କ'ଣ, ତାହା ଜାଣେ ନାହିଁ, ଯେଉଁମାନେ ବିଶ୍ୱାସରେ ଚାଲନ୍ତି,
ସେମାନଙ୍କ ଉପରେ ମୃତ୍ୟୁର ଆଧିପତ୍ୟ ନ ଥାଏ ।"***

*ଅନେକେ ଜୀବନର ଫଳ ଉପଭୋଗ କରିବା ପାଇଁ ଜନ୍ମ ହୋଇଛନ୍ତି, ମାତ୍ର ପାଷ୍ଟର ଆଲେକ୍ସ ଏକ ଭକ୍ତି ଓ ଆତ୍ମ-ଅସ୍ୱୀକାରର ପଥ ମନୋନୀତ କରିଥିଲେ । ତାଙ୍କର ଅଟଳ ବିଶ୍ୱାସ ଯୋଗୁ, ଈଶ୍ୱର ତାଙ୍କୁ ପ୍ରଚୁର ଭାବେ ଆଶୀର୍ବାଦ କରିଥିଲେ ଓ ତାଙ୍କୁ ନିଜର ନିକଟସ୍ଥ ଏକ ସ୍ଥାନ ପ୍ରଦାନ କରିଥିଲେ – ଏହା ପୃଥିବୀ ଓ ସ୍ୱର୍ଗରେ ଈଶ୍ୱରଙ୍କ ନ୍ୟାୟ ପ୍ରତି ଏକ ସାକ୍ଷ୍ୟ ଅଟେ ।*

*ଆସନ୍ତୁ, ଆମେ ଦୁଃଖର ସହିତ ନୁହେଁ ମାତ୍ର ସ୍ଥିର ହୃଦୟ ସହିତ ତାଙ୍କର ସ୍ମୃତିକୁ ସମ୍ମାନ ଦେବା । ଆମେ ତାଙ୍କୁ ଦେଇ ପାରୁଥିବା ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେଉଛି – ଅବିଚଳିତ ସମର୍ପଣ ସହିତ "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟକୁ ଅବ୍ୟାହତ ରଖିବା ଓ ତାଙ୍କ ଆତ୍ମା ଯେ ଆମ ସହିତ ଅଛି – ଏହା ଜାଣିବା ।*



ପି.ଶିବପ୍ରକାଶମ୍



ସି.ମୁଥୁ

ଆନ୍ତରିକ ପ୍ରାର୍ଥନା ସହିତ

**ପି.ଶିବପ୍ରକାଶମ୍ ଓ ସି.ମୁଥୁ
ଓ ପରିବାରବର୍ଗ
(ପାଳକ ଏସ୍.ସାମ୍.ସେଲ୍‌ଭାରାଜଙ୍କ
ଘନିଷ୍ଠ ବନ୍ଧୁଗଣ)**

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 19th APRIL 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**